# Visit of External Affairs Minister to the Russian Federation (November 7-8, 2022)

November 03, 2022

## ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଋଷ ଗସ୍ତ (7-8 ନଭେମ୍ବର 2022)

**ନଭେମ୍ବର 03, 2022**

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 7-8 ନଭେମ୍ବର 2022 ଋଷ ଗସ୍ତରେ ଯିବେ।

2. ଏହି ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ନିଜ ଋଷ ପ୍ରତିପକ୍ଷ ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ସର୍ଗି ଲାଭ୍ରୋଭଙ୍କୁ ଭେଟିବେ। ଉଭୟ ପକ୍ଷ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗଗୁଡ଼ିକର ସମସ୍ତ ଦିଗ ଉପରେ ଆଲୋଚନା ବ୍ୟତୀତ ବିଭିନ୍ନ ଆଞ୍ଚଳିକ ତଥା ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମତ ବିନିମୟ ହେବ ବୋଲି ଆଶା କରାଯାଉଛି।

3. ବୈଦେଶିକ ବ୍ୟାପାର ମନ୍ତ୍ରୀ ଋଷର ଉପ-ପ୍ରଧାନମନ୍ତ୍ରୀ ତଥା ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ମାନ୍ୟବର ଶ୍ରୀ ଡେନିସ୍ ମଣ୍ଟୁରୋଭଙ୍କୁ ମଧ୍ୟ ଭେଟିବେ। ବାଣିଜ୍ୟ, ଅର୍ଥନୈତିକ, ବୈଜ୍ଞାନିକ, ବୈଷୟିକ ଏବଂ ସାଂସ୍କୃତିକ ସହଯୋଗ ଉପରେ ଭାରତ-ଋଷ ଆନ୍ତଃ-ସରକାରୀ ଆୟୋଗ (ଆଇଆରଆଇଜିସି-ଟିଇସି) ରେ ଶ୍ରୀ ମଣ୍ଟୁରୋଭ ହେଉଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ପ୍ରତିପକ୍ଷ। ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ଅର୍ଥନୈତିକ ସହଯୋଗ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।

4. ଏହି ଗସ୍ତ ଉଭୟ ପକ୍ଷ ମଧ୍ୟରେ ଜାରି ରହିଥିବା ନିୟମିତ ଉଚ୍ଚସ୍ତରୀୟ ଆଲୋଚନା ଅନୁଯାୟୀ ଆୟୋଜିତ ହେଉଛି। ଏହା ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୁଲାଇ 2021 ରେ ଋଷ ଗସ୍ତ କରିଥିଲେ ଏବଂ ତା'ପରେ 2022 ରେ ଋଷର ବୈଦେଶିକ ମନ୍ତ୍ରୀ ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ।

**ନୂଆଦିଲ୍ଲୀ**

**ନଭେମ୍ବର 03, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.